بسم الله الرحمن الرحيم

**୭ ଜାନୁଆରୀ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ୱକ୍ଫେ ଜଦିଦ୍‌ର ୬୫ତମ ବର୍ଷର ଭବ୍ୟ ଘୋଷଣା । ବିଶ୍ୱବ୍ୟାପୀ ଜମାଅତ ଅହେମଦିୟା ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ସଦସ୍ୟବୃନ୍ଦଙ୍କ ୱକ୍ଫେ ଜଦିଦ୍ ପାଣ୍ଠିରେ ଅର୍ଥ ବଳିଦାନ କରିଥିବା ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

وَمَثَلُ الَّذِيْنَ يُنْفِقُوْنَ اَمْوَالَهُمُ ابْتِغَآءَ مَرْضَاتِ اللّٰهِ وَتَثْبِيْتًا مِّنْ اَنْفُسِهِمْ كَمَثَلِ جَنَّةٍۭ بِرَبْوَةٍ
اَصَابَهَا وَابِلٌ فَاٰتَتْ اُكُلَهَا ضِعْفَيْنِ ۚ فَاِنْ لَّمْ يُصِبْهَا وَابِلٌ فَطَلٌّ ؕ وَاللّٰهُ بِمَا تَعْمَلُوْنَ بَصِيْرٌ ﴿٢٦٦﴾

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱର[ଅ.ବ] ସୁରେଃ ବକରା'ର ପଂକ୍ତି ସଂଖ୍ୟା ୨୬୬ର ଆବୃତ୍ତି କରି ଅନୁବାଦ ଉପସ୍ଥାପନ କଲେ; ଏବଂ ଯେଉଁମାନେ ଅଲ୍ଲାଃଙ୍କର ପ୍ରୀତିଭାଜନ ହେବା ପାଇଁ ଓ ନିଜକୁ ସୁଦୃଢ଼ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି, ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦେଇଥାଏ ଏବଂ ବହୁଳ ବୃଷ୍ଟି ନ ହେଲେ ଅଳ୍ପ ବୃଷ୍ଟି ହିଁ (ତାହା ପାଇଁ ଯଥେଷ୍ଟ) ଏବଂ ତୁମେମାନେ ଯାହା କରୁଅଛ ଅଲ୍ଲାଃ ତାହା ଦେଖୁଅଛନ୍ତି ।

ସେଥିଅନ୍ତେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ବିଶ୍ୱାସକାରୀ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରି ତାଙ୍କ ମାର୍ଗରେ ଏଥିସକାଶେ ଖର୍ଚ୍ଚ କରିଥାନ୍ତି । କାରଣ ଏତଦ୍ ଦ୍ୱାରା ସେମାନେ କେବଳ ତାଙ୍କ ପ୍ରୀତିଭାଜନ ଓ ପ୍ରସନ୍ନତା ହାସଲକାରୀଙ୍କ ମଧ୍ୟରେ ସାମିଲ ହେବେ ନାହିଁ ବରଂ ନିଜ ଓ ନିଜ ଗୋଷ୍ଠୀର ଲକ୍ଷ ପୂରଣ କରିନେବେ । ସାମ୍ପ୍ରତିକ ଯୁଗରେ ଇସଲାମୀୟ ଶିକ୍ଷା ଓ ପ୍ରଚାର କାର୍ଯ୍ୟର ଦାୟିତ୍ୱ ହଜରତ ମସିହ ମଉଦ [ଅ.ସ]ଙ୍କ ଉପରେ ନ୍ୟସ୍ତ କରାଯାଇଛି । ଅତଏବ ବର୍ତ୍ତମାନ ଆପଣଙ୍କ ମାନ୍ୟକାରୀମାନଙ୍କ କର୍ତ୍ତବ୍ୟ ଯେ ଆପଣଙ୍କ ମିଶନ୍‌କୁ ପୂରଣ କରିବା ସକାଶେ ନିଜ ଧନଜୀବନ ଓ ସମୟର ବଳିଦାନ କରିବାରେ ପରସ୍ପର ଠାରୁ ଆଗକୁ ବଢ଼ିଯିବାକୁ ଚେଷ୍ଟା କରନ୍ତୁ । ସମସ୍ତ ଅବତାରଗଣ ନିଜ ଅନୁଗାମୀମାନଙ୍କୁ ଅର୍ଥଦାନ କରିବାକୁ ପ୍ରୋତ୍ସାହିତ କରିଥାନ୍ତି । ହଜରତ ମସିହ ମଉଦ[ଅ.ସ] ମଧ୍ୟ ବିଶ୍ୱାସକାରୀମାନଙ୍କୁ ଧର୍ମ ମାର୍ଗରେ ଅର୍ଥଦାନ କରିବାକୁ ଅନୁପ୍ରାଣିତ କରିଛନ୍ତି । ଯଦ୍ୱାରା ଆମର ପାଳନକର୍ତ୍ତା ଆମ ଉପରେ ପ୍ରସନ୍ନିତ ହେବେ ଏବଂ ଆମକୁ ବିଶ୍ୱାସରେ ଅଧିକ ଦୃଢତା ପ୍ରଦାନ କରିବେ । ଆମ ବିଶ୍ୱାସ ଓ ଆସ୍ଥା ଦୃଢୀଭୂତ ହେବ ।

ଆଲୋଚ୍ୟ ଆୟତରେ ଅଲ୍ଲାଃତାଲାଙ୍କ ସକାଶେ ଖର୍ଚ୍ଚ କରିବା ବ୍ୟକ୍ତିଙ୍କ ଉଦାହରଣ ଦୁଇ ପ୍ରକାରର ବର୍ଣ୍ଣନା କରାଯାଇଛି । ଗୋଟିଏ ୱାବିଲୁନ୍ ଅର୍ଥାତ ବଡ଼ ବଡ଼ ବର୍ଷାବୁନ୍ଦା ଏବଂ ଦ୍ୱିତୀୟ ପ୍ରକାର ତଲ୍‌ଲୁନ୍ ଅର୍ଥାତ ସାମାନ୍ୟ ଧରଣର ବର୍ଷାଜଳ ଯେପରିକି କାକର ବୁନ୍ଦା । ଧନବାନ ବ୍ୟକ୍ତିମାନେ ତ ଧର୍ମ ମାର୍ଗରେ ବେଶ୍ ଅର୍ଥଦାନ କରିଥାନ୍ତି । କିନ୍ତୁ ଗରିବ ଲୋକ ନିଜ ମନରେ ଏହି ଅଭିଳାଷା ପୋଷଣ କରିଥାଏ ଯେ ମୁଁ କିପରି (ଧର୍ମ

ମାର୍ଗରେ ଖର୍ଚ୍ଚ କରିବାରେ) ସେମାନଙ୍କ ପରି ହୋଇପାରିବି । କିନ୍ତୁ ବଳିଦାନର ସୁଫଳ ପ୍ରଭୁ ହିଁ ପ୍ରଦାନ କରିଥାନ୍ତି । ଅଲ୍ଲାଃତାଲା ତୁମ ଅବସ୍ଥା ଓ ତୁମ ନିୟତ (ଉଦ୍ଦେଶ୍ୟ) ସମ୍ପର୍କରେ ପୂର୍ଣ୍ଣ ଅବଗତ । ଏଥିସକାଶେ ତୁମର ତାଙ୍କ ମାର୍ଗରେ ସ୍ୱଳ୍ପ ଖର୍ଚ୍ଚ କରିବାର ମଧ୍ୟ ସେ ତୁମକୁ ଦୁଇ ଗୁଣ କରି ପ୍ରତିଫଳ ପ୍ରଦାନ କରିଥାନ୍ତି । ଏକଦା ହଜରତ ମୁହମ୍ମଦ[ସ.ଅ] କହିଲେ; **ଆଜି ଗୋଟିଏ ଦିରହମ୍ ଏକ ଲକ୍ଷ ଦିରହମ୍ ଠାରୁ ଅଗ୍ରାଧିକାର ହାସଲ କରିନେଲା ।** ସାହାବାଗଣ ଆଶ୍ଚର୍ଯ୍ୟିତ ହୋଇ ପ୍ରଶ୍ନ କଲେ, ହଜୁର ଏହା କିପରି ହେଲା ? ହଜୁର[ସ.ଅ] ଉତ୍ତର ଦେଲେ, ଜଣେ ବ୍ୟକ୍ତି ନିକଟରେ ଦୁଇଟି ଦିରହମ୍ ଥିଲା । ସେଥିରୁ ସେ ଗୋଟିଏ ଦିରହମ୍ ଦାନ କରିଦେଲେ । ଆଉ ଜଣେ ବ୍ୟକ୍ତି ନିକଟରେ ଅଜସ୍ର ଧନସମ୍ପତ୍ତି ରହିଥିଲା, ସେଥି ମଧ୍ୟରୁ ସେ ଏକ ଲକ୍ଷ ଦିରହମ୍ ଦାନ କଲେ ଯାହାକି ତାଙ୍କ ସମ୍ପତି ତୁଳନାରେ ଅତି ନଗନ୍ୟ ରାଶି ଥିଲା । ବସ୍ତୁତଃ ଅଲ୍ଲାଃତାଲା ନିୟତ ଆଧାରରେ ପ୍ରତିଫଳ ପ୍ରଦାନ କରିଥାନ୍ତି । ଆମର ପ୍ରତ୍ୟେକ କାର୍ଯ୍ୟକୁ ଅଲ୍ଲାଃ ଦେଖୁଛନ୍ତି । ଯଦି ଆମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହିଁ ସମ୍ପାଦିତ ହୁଏ ତେବେ ଆମେ ସୁନିଶ୍ଚିତ ରୂପେ ତାଙ୍କ କୃପା ଲାଭ କରିବାର ପ୍ରକୃତ ଉତ୍ତରାଧିକାରୀ ହୋଇପାରିବା ।

ହଜରତ ମସିହ ମଉଦ [ଅ.ସ]ଙ୍କ କାଳରେ ଅଧିକାଂଶ ଲୋକ ଗରିବ ଶ୍ରେଣୀର ଥିଲେ । ଯେଉଁମାନେ ବଳିଦାନରେ ଏଭଳି ଆଗରେ ରହିଥିଲେ, ଯେ ଏକଦା ଆପଣ[ଅ.ସ] କହିଲେ; ଆମ ଜମାଅତରେ ସହସ୍ର ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ନିକଟରେ ନିଜ ଶରୀର ଢାଙ୍କିବାକୁ ବସ୍ତ୍ର ଖରିଦ୍ କରିବାର ମଧ୍ୟ ସମ୍ବଳ ନାହିଁ । ବହୁ କଷ୍ଟରେ ଚଦର ଅବା ପାଇଜାମାର ବ୍ୟବସ୍ଥା କରିଥାନ୍ତି । **ସେମାନଙ୍କର ହସ୍ତ ଶୂନ୍ୟ କିନ୍ତୁ ସେମାନଙ୍କ ନିଷ୍ଠାପରତା, ତ୍ୟାଗ, ପ୍ରେମ, ବିଶ୍ୱସ୍ତତା ଓ ବିଶ୍ୱାସ ରୂପକ ଉତ୍ସାହକୁ ଦେଖି ଆମ୍ଭେ ଆଶ୍ଚର୍ଯ୍ୟ ଓ ବିସ୍ମିତ ହୋଇଥାଉ ।** ଏପରିକି ତାହା ଦେଖି ଆମ ଶତ୍ରୁମାନେ ମଧ୍ୟ ଆଚମ୍ଭିତ ହୋଇଥାନ୍ତି ।

ଆସ୍ଥା ଓ ନିଷ୍ଠାପରତାରେ ଉନ୍ନତି ତଥା ଉତ୍ସାହ ପୂର୍ଣ୍ଣ ବିଶ୍ୱାସରେ ଅଭୁତପୂର୍ବ ରୂପେ ଉଚ୍ଚ ସ୍ତର ହାସଲ କରିବାର ନମୁନା ଆଜି ମଧ୍ୟ ହଜରତ ମସିହ ମଉଦ [ଅ.ସ]ଙ୍କ ଜମାଅତରେ ଦେଖିବାକୁ ମିଳୁଅଛି । ନବାଗତ ଅହେମଦିମାନେ ମଧ୍ୟ ଖୁବ୍ କମ୍ ସମୟରେ ଏଭଳି ଉନ୍ନତି ଲାଭ କରି ନିଜ ଭିତରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରୁଛନ୍ତି, ଯାହାକୁ ଦେଖି ଶତ୍ରୁ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି । ପୁଣ୍ୟବନ୍ତ, ପବିତ୍ର ସ୍ୱଭାବୀ ବୈଅତର କର୍ତ୍ତବ୍ୟ ସମ୍ପାଦନ କରିବା ଓ ଉପସ୍ଥିତ ଖଲିଫାଙ୍କ ସହିତ ବିଶ୍ୱସ୍ତତା ପ୍ରଦର୍ଶନ କରିବାର ପ୍ରମାଣ ସେମାନଙ୍କର ଧର୍ମ ମାର୍ଗରେ ଅର୍ଥଦାନ କରିବାରୁ ପ୍ରତିପାଦିତ ହେଉଛି । ଏମାନେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରି ଅଲ୍ଲାଃତାଲାଙ୍କ ଅନୁଗ୍ରହ ଲାଭ କରିବାରେ ପରସ୍ପର ଠାରୁ ଆଗକୁ ବଢିଯିବାକୁ ପୂର୍ଣ୍ଣ ପ୍ରୟାସ କରୁଛନ୍ତି । **ସୁତରାଂ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ଅନ୍ତର୍ଗତ ହଜରତ ମସିହ ମଉଦ [ଅ.ସ]ଙ୍କ ଜମାଅତ ଉନ୍ନତି ଓ ପ୍ରସାର ଲାଭ କରିବା ସକାଶେ ହିଁ ସ୍ଥାପିତ ହୋଇଛି ।** ବର୍ତ୍ତମାନ ଶତ୍ରୁ ଶତ ଚେଷ୍ଟା କଲେ ମଧ୍ୟ ଆମର ତିଳେ ମାତ୍ର ଅନିଷ୍ଟ କରିପାରିବ ନାହିଁ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] ସେରେଲିଓ୍ୱନ୍, ଚାଡ୍, ଟୋଗୋ, ବେଲିଜ୍, ଗିନୀକନାକରୀ, ଗେମ୍ବିଆ, ଜର୍ମାନୀ, ଇଂଲଣ୍ଡ, ଭାରତ, ମାଲି, ପୋଲାଣ୍ଡ, ତାଞ୍ଜାନିଆ, ଆଭ୍ରିକୋଷ୍ଟ, କେମରୁନ୍ ଓ ଘାନା ଆଦି ଦେଶମାନଙ୍କରେ ବସବାସ କରିଥିବା ଅହେମଦିମାନଙ୍କ ଧର୍ମ ମାର୍ଗରେ ଅର୍ଥଦାନ କରି ନିଜ ଦୃଢ ବିଶ୍ୱାସ ଓ ଆସ୍ଥାର ଆଲୋଚନା କଲେ । **ଅଲ୍ଲାଃତାଲା ସେମାନଙ୍କ ବିଶ୍ୱାସରେ କିଭଳି ଅଭିବୃଦ୍ଧି ଘଟାଉଛନ୍ତି,** ତାହାର ପରିପ୍ରକାଶ ସେମାନଙ୍କ ଆଲେଖ୍ୟରୁ ଜଣା ପଡୁଛି । ସେଥିମଧ୍ୟରୁ କିଛି ଘଟଣା ଚର୍ଚ୍ଚା କରି ହଜୁର ଅନଓ୍ୱର[ଅ.ବ] କହିଲେ;

ଅଲ୍ଲାଃତାଲା ସଙ୍ଗେସଙ୍ଗେ ପ୍ରତିଫଳ ପ୍ରଦାନ କରିବାର ଗୋଟିଏ ନମୁନା ଭାରତର ଏକ ଜମାଅତ ଯାଦ୍‌ଗୀର ଅଂଚଳର ଶୁଣନ୍ତୁ । ଓ୍ୱକଫେ୍ ଜଦିଦ୍‌ର ଆର୍ଥିକ ବର୍ଷ ଶେଷ ହେବା ପର୍ଯ୍ୟାୟରେ ଥିଲା, ଯେତେବେଳେ ଆମ

ଇନ୍‌ସ୍ପେକ୍ଟର୍ ସାହେବ ସେଠାକାର ଜଣେ ସଦସ୍ୟଙ୍କୁ ଚାନ୍ଦା ଦେବାକୁ କହିଲେ; ସେ ଉତ୍ତର ଦେଲେ, ବର୍ତ୍ତମାନ ମୋ ପକେଟ୍‌ରେ ୧୫୦୦ଟଙ୍କା ଅଛି ଯାହାକୁ ମୁଁ କାହାରିକୁ ଦେବାକୁ ଯାଉଛି ଏବଂ ଏହା ଅତି ଜରୁରୀ ଅଟେ । ଯଦି ତାହା ମୁଁ ଆପଣଙ୍କୁ ଚାନ୍ଦାରେ ଦେଇଦିଏ ତେବେ ତାହାକୁ କିପରି ଦେବି ? କାରଣ ମୋ ନିକଟରେ ଆଉ ଅର୍ଥ ନାହିଁ, ନା ଏତେ ଶୀଘ୍ର କୌଣସି ଅର୍ଥର ବ୍ୟବସ୍ଥା କରିପାରିବି । ତେବେ ସେ ଯାହା ହେଉ ସେ ଉକ୍ତ ରାଶି (୧୫୦୦ଟଙ୍କା) ଓ୍ୱକଫେ୍ ଜଦିଦ୍‌ର ପାଣ୍ଠିରେ ଦାନ କରିଦେଲେ । ଦ୍ୱିତୀୟ ଦିନ ଇନ୍‌ସ୍ପେକ୍ଟର୍ ସାହେବ ସେକ୍ରେଟାରୀ ଓ୍ୱକଫେ୍ ଜଦିଦ୍‌ଙ୍କ ସାଙ୍ଗରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ସକାଶେ ତାଙ୍କ ଦୋକାନକୁ ଗଲେ । ସେତେବେଳେ ସେ ନିଜ ପକେଟ୍‌ରୁ ଅର୍ଥ କାଢ଼ି ତାଙ୍କ ସମ୍ମୁଖରେ ରଖିଦେଲେ, ଯାହାକି ପ୍ରଚୁର ମାତ୍ରାରେ ଥିଲା । ସେଥିଅନ୍ତେ ସେ କହିଲେ; କାଲି ଯେତେବେଳେ ମୁଁ ଆପଣଙ୍କୁ ଚାନ୍ଦା ଦେଇ ଘରକୁ ଗଲି ସେତେବେଳେ କେତେକ ଏପରି ସ୍ଥାନରୁ ମୋ ନିକଟକୁ ଟଙ୍କା ଆସିବା ଆରମ୍ଭ ହେଲା, ଯେଉଁମାନେ ମୋର ଅର୍ଥ ପରିଶୋଧ କରିବା ବାକି ଥିଲା । ଆଜି ଦେଖନ୍ତୁ ମୋ ନିକଟରେ ଅନେକ ହଜାର ଟଙ୍କା ଜମା ହୋଇଯାଇଛି । **ଏପରି ଅଲ୍ଲାଃତାଲା ମୋତେ କଲ୍ୟାଣ (ବରକତ୍) ପ୍ରଦାନ କଲେ ।**

ପୁନଶ୍ଚ ଧନାଢ୍ୟ ଲୋକମାନେ ଯେ ସାଂସାରିକ ଦୃଷ୍ଟିକୋଣରୁ ଯଦିଚ ଏତେ ଧନବାନ୍ ନୁହନ୍ତି କିନ୍ତୁ ଜମାଅତୀୟ ସ୍ତରରେ ଧନିକ ପରିଗଣିତ ହେଉଛନ୍ତି । ଜମାଅତ ଅହେମଦିୟା କେରୁଲାଇର ଜଣେ ବନ୍ଧୁ ୧୦ଲକ୍ଷ ଟଙ୍କା ଚାନ୍ଦା ଦେଲେ । ତାଙ୍କ ପତ୍ନୀ ଖ୍ରୀଷ୍ଟଧର୍ମରୁ ଅହେମଦି ହୋଇଛନ୍ତି ଏବଂ ବର୍ତ୍ତମାନ ସେ ଦୁଆ ଓ ଉପାସନା ଆଦି ବେଶ ଉତ୍ସାହର ସହିତ ସମ୍ପାଦନ କରୁଛନ୍ତି । ସେ ଅତି ନିଷ୍ଠାପର ମହିଳା ଅଟନ୍ତି । ଉଭୟ ପତି ପତ୍ନୀ ଓ୍ୱସିୟତ୍ ମଧ୍ୟ କରିଛନ୍ତି । ଇନ୍‌ସ୍ପେକ୍ଟର୍ ସାହେବ କହନ୍ତି; ଆମେ ତାଙ୍କ ଘରକୁ ଗଲୁ ଏବଂ ତାଙ୍କୁ ଚାନ୍ଦା ପୈଠ କରିବା ପ୍ରତି ଆହ୍ୱାନ ଦେବାରୁ ସେ ୫ଲକ୍ଷ ଟଙ୍କାର ଚେକ୍ କାଟି ଦେଲେ । ତାହା ଦେଖି ଇନ୍‌ସ୍ପେକ୍ଟର୍ ସାହେବ କହିଲେ; ଆପଣଙ୍କ ସ୍ୱାମୀ ଆମକୁ ୧୦ଲକ୍ଷ ଟଙ୍କା ଦେଇ ସାରିଛନ୍ତି । ବର୍ତ୍ତମାନ ଆପଣ ଏତେ ଅଧିକ ଟଙ୍କା ଦେଉଛନ୍ତି । ସେ ଉତ୍ତର ଦେଲେ, **ଆମକୁ ପ୍ରଭୁଙ୍କ ନିକଟରୁ ଯେଉଁ କୃପା ଲାଭ ହୋଇଛି ତାହା କେବଳ ଚାନ୍ଦା ଦେବାର ପରିଣାମ ଅଟେ । ସୁତରାଂ ମନ ହେଉଛି, ମୁଁ ବାରମ୍ବାର ଚାନ୍ଦା ଦିଅନ୍ତି କି...** ପୁଣି ଚାନ୍ଦା ଦେବା ଫଳରେ ଆମ ବାଣିଜ୍ୟରେ ମଧ୍ୟ ବେଶ୍ ଉନ୍ନତି ସାଧିତ ହୋଇଛି । ଅତଏବ ଆମେ ଚାନ୍ଦା ଦେବାରୁ କଦାପି ପଶ୍ଚାତ୍‌ପଦ ଦେବୁ ନାହିଁ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅର୍ଥଦାନ କରିବାର ସ୍ତର କେବଳ ପୁରୁଷ ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ ବରଂ ଆମ ଯୁବପିଢ଼ୀଙ୍କ ଠାରେ ମଧ୍ୟ ଏହି ଉତ୍ସାହ ବେଶ୍ ଉର୍ଦ୍ଧ୍ୱରେ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ବଡ଼ ବଡ଼ ନିଷ୍ଠାପର ବ୍ୟକ୍ତି ଜମାଅତରେ ସୃଷ୍ଟି ହୋଇଚାଲିଛନ୍ତି ।

ଗତବର୍ଷ ଅଲ୍ଲାଃତାଲା ଜମାଅତକୁ ୧୮୭ ଗୋଟି ମସଜିଦ୍ ନିର୍ମାଣ କରିବାକୁ ଶକ୍ତି ପ୍ରଦାନ କରିଛନ୍ତି । ସେଥି ମଧ୍ୟରେ ଆଫ୍ରିକାରେ ୧୦୫ ଗୋଟି ନୂତନ ମସଜିଦ୍ ନିର୍ମାଣ ହୋଇଛି । ସେହିପରି ଗତବର୍ଷ ୧୪୪ଟି ମିଶନ୍ ହାଉସ୍ ମଧ୍ୟ ସ୍ଥାପନ ହେଲା, ସେଥି ମଧ୍ୟରୁ ଅଧିକାଂଶ ଆଫ୍ରିକା ଦେଶରେ ଅନ୍ତର୍ଭୁକ୍ତ । ବର୍ତମାନ ୪୫ଟି ମିଶନ୍ ହାଉସ୍ ନିର୍ମାଣଧୀନ ରହିଛି । ଏତଦ୍ ବ୍ୟତୀତ ଯେଉଁସ୍ଥଳେ ସଙ୍ଗେସଙ୍ଗେ ମିଶନ୍ ହାଉସ୍ ନିର୍ମାଣ କରାଯିବା ସମ୍ଭବପର ନଥିଲା ସେଠାରେ ଭଡ଼ାରେ ଘର ନେଇ କାର୍ଯ୍ୟ ଆରମ୍ଭ କରାଗଲା । ଆଫ୍ରିକା ଦେଶରେ ୭୩୧ ଗୋଟି ମିଶନ୍ ହାଉସ୍ ସ୍ଥାପନ ହେବା ସ୍ଥଳେ ସମଗ୍ର ବିଶ୍ୱରେ ମୋଟ ୬୩୨ ଗୋଟି ମିଶନ୍ ହାଉସ୍ ସ୍ଥାପିତ ହୋଇଛି ।

ଅଲ୍ଲାଃତାଲା ନିଜ ପ୍ରତିଶୃତିର ପାଳନକାରୀ ଅଟନ୍ତି । ସେ ହଜରତ ମସିହ ମଉଦ[ଅ.ସ]ଙ୍କ ସହିତ କରିଥିବା ଅଙ୍ଗୀକାର ପୂରଣ କରିଚାଲିଛନ୍ତି ଏବଂ ନିଜ ସାହାଯ୍ୟ ଓ ଅନୁକମ୍ପା ପ୍ରଦାନ କରୁଥିବେ । ଇନ୍‌ଶା ଅଲ୍ଲାଃ ।

ଅଲ୍ଲାଃତାଲା ଆମମାନଙ୍କୁ ଏହି ସୁଯୋଗ ପ୍ରଦାନ କରିଥାନ୍ତି ଯେ ଆମେ ତାଙ୍କ ପ୍ରୀତିଭାଜନ ଏବଂ ଅନୁଗ୍ରହ ଲାଭ କରିବା ପାଇଁ ତାଙ୍କ ମାର୍ଗରେ ଖର୍ଚ୍ଚ କରିବା ଉଚିତ୍ । ସୁତରାଂ ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ତାଙ୍କର କୃପା ଲାଭକାରୀଙ୍କ ମଧ୍ୟରେ ସାମିଲ ହୋଇଯାଉ ।

ହଜୁର ଅନଓ୍ୱର[ଅ.ବ] ୨୦୨୨ ମସିହା ଓ୍ୱକ୍‌ଫେ ଜଦିଦ୍‌ର ୬୫ତମ ବର୍ଷର ଘୋଷଣା କରି କହିଲେ; ୨୦୨୧ମସିହା ଡ଼ିସେମ୍ବର ମାସ ୩୧ତାରିଖରେ ଓ୍ୱକ୍‌ଫେ ଜଦିଦ୍‌ର ୬୪ତମ ବର୍ଷ ଶେଷ ହେଲା । ଅଲ୍ଲାଃତାଲା ଉକ୍ତ ବର୍ଷରେ ବିଶ୍ୱବ୍ୟାପୀ ଜମାଅତ ଅହେମଦିୟାକୁ ଏକ କୋଟି ୧୨ଲକ୍ଷ ୭୦ହଜାର ପାଉଣ୍ଡ ଅର୍ଥଦାନ କରିବାର ଶକ୍ତି ପ୍ରଦାନ କଲେ, ଯାହାକି ୨୦୨୦ମସିହା ତୁଳନାରେ ସାତ ଲକ୍ଷ ୪୨ହଜାର ପାଉଣ୍ଡ ଅଧିକ ଅଟେ । ଓ୍ୱକ୍‌ଫେ ଜଦିଦ୍‌ରେ ଯୋଗଦାନକାରୀଙ୍କ ସଂଖ୍ୟା ୧୪ଲକ୍ଷ ୪୫ହଜାର ଅଟେ । ବିଶ୍ୱର ଅର୍ଥବ୍ୟବସ୍ଥାକୁ ସମ୍ମୁଖରେ ରଖି ଚିନ୍ତା କଲେ, ଜ୍ଞାତ ହୋଇଥାଏ ଯେ ଏହା ଅଲ୍ଲାଃତାଲାଙ୍କର ଆମମାନଙ୍କ ଉପରେ ଏକ ବହୁତ ବଡ଼ କୃପା ।

ଯଦିଚ ଚଳିତ ବର୍ଷ ପାକିସ୍ତାନର ଅର୍ଥନୀତିରେ ଅଧପତନ ଘଟିବା ଯୋଗୁଁ ତାଙ୍କ ପୋଜିଶନ୍ ତଳକୁ ଖସି ଯାଇଛି ତଥାପି ସେମାନେ ନିଜ ସାମର୍ଥ୍ୟ ଠାରୁ ବଳି ଅର୍ଥଦାନ କରୁଛନ୍ତି । ବର୍ତ୍ତମାନ ମୁଁ ସ୍ଥାନ ଅଧିକାର କରିଥିବା ଜମାଅତଗୁଡ଼ିକର ନାମ କ୍ରମାନ୍ୱୟରେ ଘୋଷଣା କରିଦେଉଛି ।

ସାମୂହିକ ଆଦାୟ ଦୃଷ୍ଟିକୋଣରୁ ଇଂଲଣ୍ଡ ପ୍ରଥମ ସ୍ଥାନ ଅଧିକାର କରିଛି ସେଥିଅନ୍ତେ ଜର୍ମାନୀ, କାନେଡ଼ା, ଆମେରିକା, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଜମାଅତ, ଘାନା ଓ ବେଲଜିୟମ୍ ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ମୁଣ୍ଡ ପିଛା ଚାନ୍ଦା ପୈଠ କରିବା ଦୃଷ୍ଟିକୋଣରୁ ଦେଖିଲେ ଆମେରିକା ପ୍ରଥମ ସ୍ଥାନ ଅଧିକାର କରିଛି । ସେଥିଅନ୍ତେ ସୁଇଜରଲ୍ୟାଣ୍ଡ ଓ ଇଂଲଣ୍ଡ କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଭାରତର ଚାନ୍ଦା ପୈଠ କରିବାରେ ସ୍ଥାନ ଅଧିକାର କରିଥିବା ପ୍ରଥମ ଦଶ ଗୋଟି ରାଜ୍ୟ ମଧ୍ୟରେ କେରଳ, ଜାମ୍ମୁକଶ୍ମୀର, ତାମିଲ୍‌ନାଡୁ, ତେଲେଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଆଦାୟ କରିବା ଦୃଷ୍ଟିକୋଣରୁ ପ୍ରଥମ ଦଶ ଗୋଟି ଜମାଅତ ମଧ୍ୟରେ ହାଇଦ୍ରାବାଦ, କାଦିୟାନ, କେରୁଲାଈ, ପଥାପୁରମ୍, କୋଏମ୍ବଟୁର, ବାଙ୍ଗାଲୋର, କଲିକତା, କାଲିକଟ, ରିଶିନଗର ଓ ମେଲାପାଲମ୍ ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଅଲ୍ଲାଃତାଲା ସମସ୍ତ ଅର୍ଥଦାନକାରୀଙ୍କ ଧନଜୀବନରେ ଅଜସ୍ର ବରକତ୍ (କଲ୍ୟାଣ) ପ୍ରଦାନ କରନ୍ତୁ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

7th January 2022